# ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (ଓସୋପ୍‌କା), ଭୁବନେଶ୍ୱର

OSSOPCA

# ପ୍ରମାଣିକା

ORISSA STATE ORGANIC CERTIFICATION AGENCY · Orissa Organic · BHUBANESWAR

୭ମ ସଙ୍କଳନ | ସମାଚାର ପତ୍ର | ୨୦୧୭ (ଅକ୍ଷୟ ତୃତୀୟା)



## ଭିତର ପୃଷ୍ଠାରେ...

- ଓସୋପ୍‌କା ଦ୍ୱାରା ପଞ୍ଜିକୃତ ଅଞ୍ଚଳ ଓ ପ୍ରମାଣିତ ବିହନର ପରିମାଣ
- ବିହନ ଉତ୍ପାଦନ ପାଇଁ କ'ଣ ସବୁ କରିବା ଆବଶ୍ୟକ
- ବ୍ରିଡର ବିହନ ମନିଟରିଂ ଏବଂ ଯୁଗ୍ମ ପରିଦର୍ଶନ
- ବିହନ ଉତ୍ପାଦନକାରୀ ଯାହାସବୁ ନ କରିବା ଜରୁରୀ
- ଜୈବ ପ୍ରମାଣନ


## ବାର୍ତ୍ତା



କୃଷି ଉପାଦାନଗୁଡ଼ିକ ମଧ୍ୟରେ ବିହନର ଏକ ବିଶେଷ ଓ ମୌଳିକ ଆବଶ୍ୟକତା ରହିଛି । ବିହନ ପ୍ରମାଣନ ମାଧ୍ୟମରେ ବିହନ ଫସଲ କିସମର ବିଧି ମୁତାବକ ପ୍ରମାଣନ କରାଯାଇ ବିହନ ଉତ୍ପାଦନକୁ ତ୍ୱରାନ୍ୱିତ କରିବା କୃଷି ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ଅତି ଆନନ୍ଦର କଥା ଯେ ଓସୋପ୍‌କା ଦ୍ୱାରା ହେଉଥିବା କାର୍ଯ୍ୟକ୍ରମଗୁଡ଼ିକ ଏକ ସମାଚାରପତ୍ର 'ପ୍ରମାଣିକା'ରେ ପ୍ରକାଶିତ ହେଉଅଛି । ଏହି ୭ମ ସଂକଳନର ତଥ୍ୟାବଳୀ ନିଶ୍ଚିତ ରୂପେ କୃଷକ ଓ ବିହନ ଉତ୍ପାଦନକାରୀଙ୍କୁ ଉତ୍ସାହିତ କରିବ, ଏହା ଆଶା କରିବା ସହିତ ସଫଳତା କାମନା କରୁଛି ।

ମନୋଜ ଆହୁଜା

**ମନୋଜ ଆହୁଜା**, ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ, କୃଷି ଓ କୃ.ସ. ବିଭାଗ
ଏବଂ ଅଧ୍ୟକ୍ଷ, ଓସୋପ୍‌କା, ଭୁବନେଶ୍ୱର

## ନିର୍ଦ୍ଦେଶକଙ୍କ କଲମରୁ ପଦେ...



ବିହନ ଉତ୍ପାଦନ ଓ ପ୍ରମାଣନ କାର୍ଯ୍ୟ ଓସୋପ୍‌କାର ପ୍ରଧାନ କାର୍ଯ୍ୟ । ରାଜ୍ୟର ସମସ୍ତ ବିହନ ଚାଷୀ, ବିହନ ଏବଂ ବିହନସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତିବିଶେଷମାନଙ୍କୁ ଏ ଦିଗରେ ସଚେତନ ଓ ସଫଳ କରାଇବା ଲାଗି ଓସୋପ୍‌କା ନିୟମିତ ପ୍ରୟାସ କରିଆସୁଛି । ରାସାୟନିକ ଚାଷ ମାଧ୍ୟମରେ ବିହନ ପ୍ରମାଣନ ସହ ଏହା "ଜୈବ ପ୍ରମାଣନ" ନିମିତ୍ତ କାର୍ଯ୍ୟ କରୁଅଛି । ଏହି ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଉପଲକ୍ଷେ ଏହାର ସମାଚାରପତ୍ର 'ପ୍ରମାଣିକା'ର ୭ମ ସଂକଳନର ପ୍ରକାଶନ ଅବସରରେ ସର୍ବିଙ୍କ ଉନ୍ନତି କାମନା କରି, ଏଥିସହ ସମ୍ପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ।

ବିମଳାନନ୍ଦ ଦାଶ

**ବିମଳାନନ୍ଦ ଦାଶ**
ନିର୍ଦ୍ଦେଶକ, ଓସୋପ୍‌କା


## ସମ୍ପାଦନା ମଣ୍ଡଳୀ

ମୁଖ୍ୟ ଉପଦେଷ୍ଟା : ଶ୍ରୀଯୁକ୍ତ ମନୋଜ ଆହୁଜା, ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଏବଂ ଅଧ୍ୟକ୍ଷ, ଓସୋପ୍‌କା, ଭୁବନେଶ୍ୱର

ଉପଦେଷ୍ଟା : ଡ. ବିମଳାନନ୍ଦ ଦାଶ
ନିର୍ଦ୍ଦେଶକ, ଓସୋପ୍‌କା, ଭୁବନେଶ୍ୱର

ପରାମର୍ଶଦାତା : ଶ୍ରୀ ଜଗଦୀଶ ଚନ୍ଦ୍ର ମହାନ୍ତି
ବିହନ ପ୍ରମାଣନ ଅଧିକାରୀ (ମୁଖ୍ୟ ଦପ୍ତର)

ସମ୍ପାଦକ : ଡ. ପରେଶ କୁମାର ପଣ୍ଡା
ସହକାରୀ ବିହନ ପ୍ରମାଣନ ଅଧିକାରୀ(ମୁ.ଦ.)

## ରାଜ୍ୟରେ ଓସୋପ୍‌କା ଦ୍ୱାରା ପଞ୍ଜୀକୃତ ଅଞ୍ଚଳ ଓ ପ୍ରମାଣିତ ବିହନର ପରିମାଣ (ଶେଷ ୩ ବର୍ଷ)

| ବର୍ଷ | ଫସଲ ଗ୍ରୁପ୍‌ର ନାମ | ପଞ୍ଜିକୃତ ଅଞ୍ଚଳ (ହେକ୍ଟର) | | | ପ୍ରମାଣିତ ବିହନର ପରିମାଣ (କ୍ୱିଣ୍ଟାଲ୍) | | |
|---|---|---|---|---|---|---|---|
| | | ଖରିଫ୍ | ରବି | ମୋଟ | ଖରିଫ୍ | ରବି | ମୋଟ |
| ୨୦୧୩-୧୪ | ଶସ୍ୟ ଜାତୀୟ | ୩୮,୮୦୪ | ୭,୧୯୦ | ୪୫,୯୯୪ | ୫,୧୬,୭୨୫ | ୧,୨୬,୦୮୨ | ୬,୪୨,୮୦୭ |
| | ଡାଲି ଜାତୀୟ | ୬,୫୧୨ | ୫,୬୯୧ | ୧୨,୨୦୩ | ୧,୯୧୨ | ୯,୮୭୧ | ୧୧,୭୮୩ |
| | ତୈଳବୀଜ | ୫,୩୬୫ | ୫,୧୦୦ | ୧୦,୪୬୫ | ୨୩,୮୬୦ | ୨୫,୪୨୬ | ୪୯,୨୮୬ |
| | ପନିପରିବା | - | ୭୦ | ୭୦ | - | ୨,୯୦୦ | ୨,୯୦୦ |
| | ଚାରାଘାସ | - | ୯ | ୯ | - | - | - |
| | ମୋଟ | ୫୦,୬୮୧ | ୧୮,୦୬୦ | ୬୮,୭୪୧ | ୫,୪୨,୪୯୭ | ୧,୬୪,୨୨୯ | ୭,୦୬,୭୨୬ |
| ୨୦୧୪-୧୫ | ଶସ୍ୟ ଜାତୀୟ | ୩୫,୨୪୭ | ୮,୭୫୧ | ୪୩,୯୯୮ | ୭,୪୭,୯୮୫ | ୨,୦୯,୨୯୩ | ୯,୫୭,୨୭୮ |
| | ଡାଲି ଜାତୀୟ | ୯୮ | ୧,୯୬୯ | ୨,୦୬୭ | ୨୦ | ୫,୩୬୩ | ୫,୩୮୩ |
| | ତୈଳବୀଜ | ୬,୯୬୯ | ୨,୧୧୧ | ୯,୦୮୦ | ୭,୪୪୫ | ୮,୧୩୬ | ୧୫,୫୮୧ |
| | ପନିପରିବା | - | ୫୫ | ୫୫ | - | ୩,୬୭୮ | ୩,୬୭୮ |
| | ଚାରାଘାସ | - | ୪ | ୪ | - | ୨୫ | ୨୫ |
| | ମୋଟ | ୪୨,୩୧୪ | ୧୨,୮୯୦ | ୫୫,୨୦୪ | ୭,୫୫,୪୫୦ | ୨,୨୬,୪୯୫ | ୯,୮୧,୯୪୫ |
| ୨୦୧୫-୧୬ | ଶସ୍ୟ ଜାତୀୟ | ୩୪,୨୬୯ | ୫,୦୨୯ | ୩୯,୨୯୮ | ୭,୩୯,୫୩୨ | ୭୦,୪୬୨ | ୮,୦୯,୯୯୪ |
| | ଡାଲି ଜାତୀୟ | ୨୭୭ | ୩,୩୭୯ | ୩,୬୫୬ | ୨୧ | ୧୪,୭୦୩ | ୧୪,୭୨୪ |
| | ତୈଳବୀଜ | ୨୭୪୦ | ୨,୧୭୭ | ୪,୯୧୭ | ୮,୮୨୦ | ୧୧,୮୬୨ | ୨୦,୬୮୨ |
| | ପନିପରିବା | - | ୪ | ୪ | - | - | - |
| | ଚାରାଘାସ | - | ୧୦ | ୧୦ | - | ୨୭ | ୨୭ |
| | ମୋଟ | ୩୭,୨୮୬ | ୧୦,୫୯୯ | ୪୭,୮୮୫ | ୭,୪୮,୩୭୩ | ୯୭,୦୫୯ | ୮,୪୫,୪୩୨ |

## ବିହନ ଉତ୍ପାଦନ ପାଇଁ କ'ଣ ସବୁ କରିବା ଆବଶ୍ୟକ :

- ବିହନ ଉତ୍ପାଦନ ନିମନ୍ତେ ଏକ ଚକରେ ବିହନ ବୁଣିବା ବା ଲଗାଇବାର ୧୦ ଦିନ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିବା ।
- ତାହାର ୩ ଦିନ ମଧ୍ୟରେ ଆବଶ୍ୟକୀୟ ଦେୟ ପୈଠ କରି ବିହନ ଉତ୍ସ ତନଖି ସମୟରେ ପ୍ରମାଣନ ସଂସ୍ଥାର ଅଧିକାରୀଙ୍କୁ ଆବଶ୍ୟକୀୟ ଫଳକ, ବିହନ କିଣା ରସିଦ୍ ଓ କାଗଜପତ୍ର ପ୍ରଦାନ କରିବା ।
- କିସମରୁ କିସମ ମଧ୍ୟରେ ସଠିକ୍ ବିଲଗନ ଦୂରତା **(Isolation Distance)** ରଖି ଫସଲ ଠିକ୍ ସମୟରେ ବୁଣିବା ।
- ଉନ୍ନତମାନର ବିହନ ଉତ୍ପାଦନ ନିମନ୍ତେ ସମସ୍ତ ଚାଷ କାର୍ଯ୍ୟ ଠିକ୍ ସମୟରେ କରିବା ।
- ପର୍ଯ୍ୟାପ୍ତ ଶସ୍ୟ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରିବା ।
- ଅନ୍ତିମ କ୍ଷେତ୍ର ପରିଦର୍ଶନର ଯଥେଷ୍ଟ ପୂର୍ବରୁ ଓ ଦେଖିବା ମାତ୍ରେ ମିଶା କିସମ ଗଛ ବା ଅନ୍ୟ ଫସଲ ଗଛ ତଥା ଘାସଗଛ ଅଲଗା କରିବା ଏବଂ ପ୍ରମାଣନ ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କରିବା ।
- ଗୋଟିଏ କିସମର ପ୍ରମାଣିତ ବିହନ ଓ ନାକଚ ବିହନ ଅଲଗା କରିବା ।
- ଯଥା ସମୟରେ ଫସଲ ଅମଳ ଏବଂ ପ୍ରକ୍ରିୟାକରଣ ସମୟରେ ବିହନର ଆର୍ଦ୍ରତା ଯଥାର୍ଥ ରହିବା ।
- ଭଲ ଭାବେ ସଫା ଓ ଶୁଖିଥିବା ବିହନ ପରିମାଣ ଏବଂ ଅନୁମୋଦନ ଅନୁଯାୟୀ 'ଅମଳ ପରିଦର୍ଶନ ପତ୍ର' ନେବା ।
- ପ୍ରକ୍ରିୟାକରଣ କେନ୍ଦ୍ରରେ ଅସଂଶାଧିତ ବିହନକୁ ଗ୍ରହଣ କରିବା ସମୟରେ ଆର୍ଦ୍ରତା ଦେଖିବା ।
- ପ୍ରକ୍ରିୟାକରଣ ପରେ ବିହନକୁ ଥାକ ଥାକ କରି ନିର୍ଦ୍ଦିଷ୍ଟ ଥାକ, ବସ୍ତା ସଂଖ୍ୟା ଓ ମୋଟ ପରିମାଣ ଲେଖିବା ।
- ବିହନ ବସ୍ତାରେ ପ୍ରମାଣିତ ଫଳକ ଓ ଲେବୁଲ୍ ଲଗାଇ ଏବଂ ଦସ୍ତାମୁଦ **(Lead Sealing)** ପରେ ଯାଇ ଅପସାରଣ କରାଯିବା ।